# ଗ୍ରାମୀଣ କୃଷି ମୌସମ ସେବା

## ଭାରତ ପାଣିପାଗ ବିଭାଗ

## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

## ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର,ଚିପିଲିମା

ସଂଖ୍ୟା – ୪୩ (ଓଡ଼ିଆ ବୁଲେଟିନ) ସପ୍ତାହ – ୨୨ ତାରିଖ: ୨୯.୦୫.୨୦୨୬


## ଜିଲ୍ଲା – ବରଗଡ଼

**ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ୨୩.୦୫.୨୦୨୬ ରୁ ୨୯.୦୫.୨୦୨୬ ମଧ୍ୟରେ ରେକର୍ଡ କରାଯାଇଥିବା ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଏବଂ ଜିଲ୍ଲାର ହାରାହାରି ବର୍ଷାପାତ**

| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | | | | | | | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | | | | | | | ବୃଷ୍ଟିପାତ (ମିଲି ମିଟର) | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| 41 | 43 | 42 | 42 | 42 | 43 | 42 | 28 | 28 | 30 | 28 | 27 | 28 | 25 | 0 | 0 | 0 | 1 | 0 | 0 | 5 |

**ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ**

| ପାଣିପାଗ କାରକ | ୩୦-୦୫-୨୦୨୬ | ୩୧-୦୫-୨୦୨୬ | ୦୧-୦୬-୨୦୨୬ | ୦୨-୦୬-୨୦୨୬ | ୦୩-୦୬-୨୦୨୬ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 8 | 10 | 2 | 3 | 2 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 39 | 39 | 38 | 38 | 39 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 26 | 26 | 25 | 25 | 26 |
| ମେଘ ଆବରଣ(ଓକଟା) | 4 | 4 | 3 | 3 | 2 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 73 | 72 | 72 | 70 | 65 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 21 | 23 | 26 | 26 | 24 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 4 | 7 | 4 | 5 | 5 |
| ପବନର ଦିଗ (ଡିଗ୍ରୀ) | 154 | 154 | 85 | 108 | 126 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ସପ୍ତାହରେ ଅତି ହାଲୁକା ରୁ ହାଲୁକା ବର୍ଷା ହେବାର ସମ୍ଭାବନା ଦେଖାଯାଇପାରେ ଏବଂ ଏହି ସମୟ ଅବଧିରେ ଆକାଶ ଆଂଶିକ ସଫା ରୁ ସାଧାରଣତଃ ମେଘାଚ୍ଛନ୍ନ ରହିପାରେ । ଆଗାମୀ ସପ୍ତାହରେ ସର୍ବନିମ୍ନ ତାପମାତ୍ରାରେ ବିଶେଷ କିଛି ପରିବର୍ତ୍ତନ ଦେଖିବାକୁ ମିଳିବ ନାହିଁ କିନ୍ତୁ ସର୍ବାଧିକ ତାପମାତ୍ରାରେ ହ୍ରାସ ଦେଖିବାକୁ ମିଳିପାରେ । ଆସନ୍ତା ୫ ଦିନ ମଧ୍ୟରେ ଆର୍ଦ୍ରତା ଅଧିକ ରହିବା ସହିତ ୪ ରୁ ୭ କି.ମି. ପ୍ରତି ଘଣ୍ଟା ବେଗରେ ଦକ୍ଷିଣ-ପୂର୍ବ ଓ ଉତ୍ତର-ପୂର୍ବ ଦିଗରୁ ପବନ ବହିବାର ସମ୍ଭାବନା ବନିପାରେ ।

### ସାଧାରଣ ଉପଦେଶ

- ବିଶ୍ୱସ୍ତରୀୟ ସମବେତ ମଡେଲ ଏବଂ ବର୍ତ୍ତମାନର ପାଣିପାଗ ପର୍ଯ୍ୟବେକ୍ଷଣରୁ ଜଣାପଡିଛି ଯେ କେରଳରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଯାହା ୨୬ ମଇ ପାଖାପାଖି ଆସିବାର ଆଶା କରାଯାଉଥିଲା ତାହା ୩୦ ମଇ ରୁ ୩ ଜୁନ୍ ମଧ୍ୟରେ ପ୍ରବେଶ କରିବ ବୋଲି ଆଶା କରାଯାଉଛି ।
- ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ବିସ୍ତାରିତ ପରିସର ପୂର୍ବାନୁମାନ ଅନୁଯାୟୀ, ଜୁନ୍ ଆରମ୍ଭରେ ଓଡ଼ିଶାରେ ମୌସୁମୀ ବାୟୁ ଆସିବା ପୂର୍ବରୁ ଏକ ସକ୍ରିୟ କାଳବୈଶାଖୀ ପର୍ଯ୍ୟାୟ ହେବାର ସମ୍ଭାବନା ଅଧିକ ଅଛି, ଯାହା ଫଳରେ ସପ୍ତାହ-୧ (୨୯ ମଇ ରୁ ୪ ଜୁନ୍, ୨୦୨୬) ମଧ୍ୟରେ କିଛି ସ୍ଥାନରେ ହାଲୁକା ରୁ ମଧ୍ୟମ ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ଅଛି ଓ ଗୋଟେ କିମ୍ବା ଦୁଇଟା ସ୍ଥାନରେ ପ୍ରବଳ ବର୍ଷା ମଧ୍ୟ ହୋଇପାରେ ଏବଂ ସପ୍ତାହ-୨ (୦୫ ରୁ ୧୧ ଜୁନ୍, ୨୦୨୬) ମଧ୍ୟରେ ଓଡ଼ିଶାର ଭିନ୍ନ ଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ହାଲୁକା ରୁ ମଧ୍ୟମ ବର୍ଷା ହେବାର ସମ୍ଭାବନା ଦେଖାଦେଇପାରେ । ଓଡ଼ିଶାର ଅଧିକାଂଶ ସ୍ଥାନରେ ଉଭୟ ସପ୍ତାହରେ ସର୍ବାଧିକ ତାପମାତ୍ରା ସ୍ୱାଭାବିକ ରହିବାର ସମ୍ଭାବନା ଅଛି । ତେଣୁ ଚାଷୀଭାଇମାନେ ତଦନୁଯାଇ ପ୍ରସ୍ତୁତ ରୁହନ୍ତୁ ।
- ସଠିକ ଓ ଠିକ୍ ସମୟରେ କୃଷି ସମ୍ବନ୍ଧିୟ ପାଣିପାଗ ସୂଚନା ପାଇଁ, ଚାଷୀଭାଇମାନେ ମୌସମ (ସାଧାରଣ ପୂର୍ବାନୁମାନ), ମେଘଦୂତ (କୃଷି/ପଶୁପାଳନ ପରାମର୍ଶ) ଏବଂ ଦାମିନୀ (ବଜ୍ରପାତ ସତର୍କତା) ଭଳି ଆପ୍ ବ୍ୟବହାର କରିବା ଉଚିତ ।

### ସଂକ୍ଷିପ୍ତ ଉପଦେଶ

- ମେ ମାସ ଶେଷ ଏବଂ ଜୁନ୍ ପ୍ରଥମ ସପ୍ତାହରେ କିଛି ପରିମାଣର ବର୍ଷା ହେବାର ସମ୍ଭାବନା ଥିବାରୁ, ଚାଷୀମାନଙ୍କୁ ନର୍ସରୀ ବେଡ୍‌ରେ ଖରିଫ୍ ଫସଲ ବୁଣା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି ।

## ପାଣିପାଗ ଭିତ୍ତିକ କୃଷିଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ଡାଲୁଅ ଧାନ | ପରିପକ୍ୱ ଅବସ୍ଥା / ଅମଳ | • ଯଦି ଧାନ ଫସଲରେ ୮୦-୮୫ ପ୍ରତିଶତ ଦାନା ପରିପକ୍ୱ ହୋଇଯାଇଛି ତେବେ ଧାନ ଫସଲକୁ ଯଥାଶିଘ୍ର ଅମଳ କରିନିଅନ୍ତୁ କାରଣ ଆଗକୁ ଅଧିକ ପରିପକ୍ୱତା ଯୋଗୁଁ ଦାନା ଝଡିବାର କିମ୍ବା ପ୍ରକୃତିକ ଦୁର୍ବିପାକ ଯେପରିକି ଆଗକୁ ହେବାକୁ ଥିବା ବର୍ଷା ଝଡ ଯୋଗୁଁ ଫସଲ ନଷ୍ଟ ହେବାର ସମ୍ଭାବନା ଦେଖାଦେଇପାରେ ।<br>• ବିହନ ପାଇଁ ଧାନ ଶସ୍ୟର ଆର୍ଦ୍ରତା ପରିମାଣକୁ ୧-୨ ଦିନ ପାଇଁ ସୂର୍ଯ୍ୟ ତଳେ ବା ଖରାରେ ଶୁଖାଇ ସଂରକ୍ଷଣ କରିବା ପୂର୍ବରୁ ୧୨ ପ୍ରତିଶତକୁ ହ୍ରାସ କରାଯିବା ଉଚିତ ।<br>• ଆଗାମୀ ଦିନରେ ପ୍ରବଳ ପବନ ସହିତ କିଛି ପରିମାଣର ବର୍ଷା ହେବାର ସମ୍ଭାବନା ଥିବାରୁ, ଚାଷୀମାନେ ପୂର୍ବରୁ ଅମଳ ହୋଇଥିବା ଫସଲକୁ ସଂରକ୍ଷଣ କରିବା ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବା ଉଚିତ । |
| ବର୍ଷା ଦିନିଆ (ଖରିଫ) ଧାନ | ଜମି ପ୍ରସ୍ତୁତି/ ବିହନ ଚୟନ | • ଚାଷୀଭାଇମାନେ ପାଣିର ଉପଲବ୍ଧତା ଅନୁସାରେ ମେ ମାସ ଶେଷ କିମ୍ବା ଜୁନ୍ ମାସର ପ୍ରଥମ ସପ୍ତାହ ସୁଦ୍ଧା ଧାନ ନର୍ସରୀ ପାଇଁ ଜମି ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରିଦେବା ଉଚିତ କାରଣ ଏହି ସମୟରେ କିଛି ପରିମାଣର ବର୍ଷା ହେବାର ସମ୍ଭାବନା ଅଛି ।<br>• ଚାଷୀଭାଇମାନେ ଗବେଷଣା ପ୍ରତିଷ୍ଠାନ, ବିଶ୍ୱବିଦ୍ୟାଳୟ, କୃଷି ବିଜ୍ଞାନ କେନ୍ଦ୍ର, ବ୍ଲକ ଅଫିସ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠିତ ଫାର୍ମ ଭଳି ଯେକୌଣସି ନିର୍ଭରଯୋଗ୍ୟ ଉତ୍ସରୁ ଭଲ ଗୁଣବତ୍ତାବିଶିଷ୍ଟ ବିହନର ବ୍ୟବସ୍ଥା କରନ୍ତୁ ।<br>• ଏହି ବର୍ଷ ମୌସୁମୀରେ ସ୍ୱାଭାବିକ ଅପେକ୍ଷା କମ ବର୍ଷା ହେବାର ସମ୍ଭାବନା ଅଛି, ତେଣୁ ଏହି ଅନୁସାରେ ଚାଷୀ ଭାଇ ମାନେ ସଅଳ-ମଧ୍ୟମ କିସମ ଧାନ, ଜମିରେ ଜଳ ସଂରକ୍ଷଣ ତଥା ଆବଶ୍ୟକ ଜଳସେଚନ, ପଟାସ, ବୋରାନ ସାର ଅଧିକ ପ୍ରୟୋଗ କୁ ଗୁରୁତ୍ୱ ଦେବା ଆବଶ୍ୟକ । |
| ଆମ୍ବ | ପରିପକ୍ୱ ଅବସ୍ଥା | • ଆମ୍ବ ପୁରା ପରିପକ୍ୱ ହେବା ପୂର୍ବରୁ ସବୁଜ ଥିବା ଅବସ୍ଥାରେ ଅମଳ କରାଯିବା ଉଚିତ (ଏହି ପର୍ଯ୍ୟାୟ ନିଶ୍ଚିତ କରେ ଯେ ଅମଳ ପରବର୍ତ୍ତୀ ପରିଚାଳନା ଏବଂ ପରିବହନ ସମୟରେ ଫଳ ଠିକ୍ ଭାବରେ ପାଚିବ), ଫଳ ସହିତ ସଂଲଗ୍ନ ୧୦ ରୁ ୨୦ ସେ.ମି. କାଣ୍ଡ ରଖନ୍ତୁ (ଏହା ସଂରକ୍ଷଣ ସମୟରେ ଫଳର ଗୁଣବତ୍ତା ଏବଂ ଦୃଶ୍ୟ ବଜାୟ ରଖିବାରେ ସାହାଯ୍ୟ କରେ) ଏବଂ ଆଗକୁ କ୍ଷତି ଏଡାଇବା ପାଇଁ ଫଳକୁ ସତର୍କତାର ସହିତ ତୋଳିବା ଉଚିତ । ଆଗାମୀ ଦିନରେ ଅଧିକ ଗତିରେ ପବନ ବହିବାର ସମ୍ଭାବନା ଥିବାରୁ ଫଳ ଝଡ଼ିପାରେ, ତେଣୁ ଫଳଗୁଡ଼ିକୁ ଶୀଘ୍ର ଅମଳ କରି ସୁରକ୍ଷିତ ସ୍ଥାନରେ ରଖିବାର ବ୍ୟବସ୍ଥା କରନ୍ତୁ ।<br>• ଆଗାମୀ ଦିନରେ ପ୍ରବଳ ପବନ ବେଗ ସହିତ ଝଡ଼ବର୍ଷା ହେବାର ସମ୍ଭାବନା ଥିବାରୁ, ଚାଷୀମାନଙ୍କୁ ଅମଳ କରାଯାଇଥିବା ଫଳଗୁଡ଼ିକୁ ସୁରକ୍ଷିତ ସ୍ଥାନରେ ରଖିବାକୁ ପରାମର୍ଶ ଦିଆଯାଇଛି। |
| ବିଲାତି ବାଇଗଣ (ଟୋମାଟୋ) | ନର୍ସରୀ ବୁଣା ଓ ଚାରା ଅବସ୍ଥା | • ଚାଷୀମାନଙ୍କୁ କେବଳ ସକାଳ କିମ୍ବା ସନ୍ଧ୍ୟା ସମୟରେ ବିହନ ବୁଣିବାକୁ ପରାମର୍ଶ ଦିଆଯାଇଛି । ଉପଯୁକ୍ତ ଜଳ ନିଷ୍କାସନ ସୁବିଧା ଥିବା ଉଚ୍ଚ ବେଡ୍ (୧୦-୧୫ ସେମି ଉଚ୍ଚ, ୧ ମିଟର ଚଉଡା) ରେ ବିହନ ବୁଣନ୍ତୁ । ଯଦି ସମ୍ଭବ ହୁଏ, ଉତ୍ତମ ପରିଚାଳନା ପାଇଁ ପ୍ରୋଟ୍ରେ-ଆଧାରିତ ନର୍ସରୀ ବ୍ୟବହାର କରନ୍ତୁ ।<br>• ଆଗକୁ ରୋଗ ରୋକିବା ପାଇଁ ବିହନ ବୁଣିବା ପୂର୍ବରୁ ଟ୍ରାଇକୋଡର୍ମା ଭିରିଡ଼େ (୪ ଗ୍ରାମ/କେଜି) ସହିତ ବିହନ ବିଶୋଧନ କରନ୍ତୁ ।<br>• ବର୍ଷା ଛାଡ଼ିଲା ପରେ ମାଟିରେ ଉପଯୁକ୍ତ ଆର୍ଦ୍ରତା ଥିବା ଅବସ୍ଥାରେ ବୁଣା କାର୍ଯ୍ୟ କରାଯିବା ଉଚିତ । |
| ପଶୁ ପାଳନ | • ପ୍ରଚଳିତ ଉଷ୍ଣ ଓ ଆର୍ଦ୍ର ସ୍ଥିତିକୁ ଦୃଷ୍ଟିରେ ରଖି, ଚାଷୀଭାଇମାନଙ୍କୁ ପରାମର୍ଶ ଦିଆଯାଇଛି ଯେ ସେମାନେ ଦିନ ୧୨ ଟା ରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ କାମ ପାଇଁ ପଶୁମାନଙ୍କୁ ବ୍ୟବହାର କରିବାରୁ ନିବୃତ୍ତ ରୁହନ୍ତୁ ଏବଂ ଟିକାକରଣ କାର୍ଯ୍ୟ କିଛି ଦିନ ଯାଏ ସ୍ଥଗିତ ରଖନ୍ତୁ । ଅତ୍ୟଧିକ ଗରମ ସମୟରେ, କେବଳ ସକାଳ ସମୟରେ ଟିକା ଦିଅନ୍ତୁ ଯେତେବେଳେ ତାପମାତ୍ରା କମ ଓ ପାଗ ଥଣ୍ଡା ଥାଏ । ସିଧାସଳଖ ସୂର୍ଯ୍ୟ କିରଣରେ କିମ୍ବା ଅପରାହ୍ନର ସର୍ବାଧିକ ଗରମ ସମୟରେ ଟିକା ଦେବାରୁ ଦୂରେଇ ରୁହନ୍ତୁ । ଟୀକାକରଣର ଗୋଟେ କିମ୍ବା ଦୁଇ ସପ୍ତାହ ପୂର୍ବରୁ ପଶୁମାନଙ୍କୁ କୃମିମୁକ୍ତ କରନ୍ତୁ ଯାହା ଦ୍ୱାରା ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବ ଯାହା ଫଳରେ ଟିକାକରଣ ଫଳପ୍ରଦ ହେବ । ଏହା ନିଶ୍ଚିତ କରନ୍ତୁ ଯେ ସେମାନଙ୍କୁ ସ୍ୱଚ୍ଛ ପାନୀୟ ଜଳର ଅଭାବ ନ ହେଉ ।<br>• ଆଗକୁ ବଜ୍ରପାତ ବା ଝଡ ବର୍ଷା ହେବାର ସମ୍ଭାବନା ଥିବାରୁ, ପଶୁମାନଙ୍କୁ ଖୋଲା ସ୍ଥାନରେ ନ ବାନ୍ଧିବାକୁ ଏବଂ ସେମାନଙ୍କୁ କୌଣସି ପ୍ରକାରର | |

| | |
|---|---|
| | ବୈଦ୍ୟୁତିକ ଉପକରଣଠାରୁ ଦୂରରେ ରଖିବାକୁ ପରାମର୍ଶ ଦିଆଯାଇଅଛି । |


| | |
|---|---|
| **Mrs. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |


- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍କୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଧିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ ଆପର ବ୍ୟବହାର କରିପାରିବେ।